# ମଣିଷ କାହିଁ ପାଇଁ ?

**ବିଜୟମୋହନ ମିଶ୍ର**

ଆକାଶରେ ତାରାମେଳେ, ଗଛର ଆଢୁଆଳେ,
ଜହ୍ନ ଉଏଁ ନଇଁ ନଇଁ ,
ନଇ ସେପାରି ପବନ, ମଧୁରିଆ ଉପବନ
ଗନ୍ଧ ଆଣେ ଛୁଇଁ ଛୁଇଁ ,
ନଇପାଣି କୁଳୁକୁଳୁ, ବହଇ ପାହାଡ଼ ତଳୁ
ଢେଉ ନାଚେ ଥେଇ ଥେଇ,
ବୋଧିମୂଳେ ବୁଦ୍ଧ  ଭାବେ, ଧରଣୀ ସମାବେଶ ଠାବେ
ମୁଁ ମଣିଷ କାହିଁ ପାଇଁ ?

କଳି ତକରାଳ ଯୁଦ୍ଧ, ସର୍ବତ୍ର ସଭିଏଁ  ବିରୁଦ୍ଧ,
ସାଧୁ ଦେଖେ ନଇଁ ନଇଁ ,
ଦରିଆ ସେପାରି କମାଣ, ଗୋଳା ବାରୁଦ କ୍ଷେପଣ,
ଗନ୍ଧ ଆଣେ ଛୁଇଁ ଛୁଇଁ ,
ମା କାନ୍ଦେ ଲୁହ ଢାଳି, ତାଣ୍ଡବ ଦୃଶ୍ୟ ଅଟକାଳି
ଶାଗୁଣା ନାଚେ ଥେଇ ଥେଇ,
ବୋଧିମୂଳେ ବୁଦ୍ଧ ଭାବେ, ଧରଣୀ ସମାବେଶ ଠାବେ
ମୁଁ ମଣିଷ କାହିଁ ପାଇଁ ?

ଭୋକିଲା ପିଲା ଅନ୍ନ ନାହିଁ, ବାପ ଖୋଜେ ବିତ୍ତ ନାହିଁ
ମା ଚାଲେ ନଇଁ ନଇଁ,
ପାଚେରୀ ସେକଡ଼େ ସବୁଜ, ମଦମାଂସ ସଜବାଜ
ଗନ୍ଧ ଆଣେ ଛୁଇଁ ଛୁଇଁ,
ପାଚେରୀ ଡେଇଁବି ମୁଁ, ସ୍ତ୍ରୀ ପିଲାଙ୍କୁ ପୋଷିବି ମୁଁ,
ନାଚିବି କାନୁନ୍ ଥେଇ ଥେଇ,
ବୋଧିମୂଳେ ବୁଦ୍ଧ ଭାବେ, ଧରଣୀ ସମାବେଶ ଠାବେ
ମୁଁ ମଣିଷ କାହିଁ ପାଇଁ ?

ତରୁଣୀ ବାପଛଡ଼ା, ଦୁନିଆରେ ଘରଭଡ଼ା,
ଦେଖୁଥାଏ ନଇଁ ନଇଁ,
ବଜାର ଜୁଆଡ଼ି ଆଖଡ଼ା, ସବୁଠି ମରଦଙ୍କ ଆଡ୍ଡା
ଗନ୍ଧ ଆଣେ ଛୁଇଁ ଛୁଇଁ,
ପଇସା ଗୋଟେ ବାହାନା, ଚୋରୀ ଜୁଲୁମ ସାମିଆନା
ଲଙ୍ଗଳା ମୁକୁଳା ଥେଇ ଥେଇ,
ବୋଧ୍‌ମୂଳେ ବୁଦ୍ଧ ଭାବେ, ଧରଣୀ ସମାବେଶ ଠାବେ
ମୁଁ ମଣିଷ କାହିଁ ପାଇଁ ?

ଶୁଦ୍ଧ ରୁଦ୍ଧ ବୁଦ୍ଧି ମୋର, ନିଶ୍ଚଳ ଆଉ ନିର୍ବିକାର,
ପ୍ରଜ୍ଞା ଉଏଁ ନଇଁ ନଇଁ,
ଲୋଭ ଦୁଃଖ ଏ ସଂସାର, ମଣିଷ ବାସନା ଅପାର,
ଗନ୍ଧ ବହେ ଛୁଇଁ ଛୁଇଁ,
ମଣିଷକୁ ଶାନ୍ତି ଦେବି, ମଣିଷକୁ ସତ୍ୟ ଦେବି,
ଜଗତ ଆନନ୍ଦ ଥେଇ ଥେଇ
ବୋଧ୍‌ମୂଳେ ବୁଦ୍ଧ ଭାବେ, ଧରଣୀ ସମାବେଶ ଠାବେ,
ମୁଁ ମଣିଷ କାହିଁ ପାଇଁ ?

---

Dr. Bijoy M Misra lives in Lincoln, MA and is in the Faculty at Harvard University. He is a physicist and a language specialist. He participated in the activities of the Odisha Society of the Americas in the early years doing plays and directing children's activities. He was the Treasurer of the Society during 199-2001 and was instrumental in the Cyclone Relief Program organized by OSA,